# NEW STEWART SCHOOL, CUTTACK

## Question Bank

## Session - 2026-27

## Class -7 ODIA

### ଛୋଟ ବଡ଼

I.ପ୍ରଶ୍ନ ଓ ଉତ୍ତର

୧. କିଏ ଆଉ ଫୁଟିନଥାଏ?

ଉ: ଫୁଟିଲା ଫୁଲ ଆଉଥରେ ଫୁଟିନଥାଏ।

୨. ପଛ ଲୋକ ସବୁବେଳେ କ'ଣ ହୋଇଥାଏ?

ଉ: ପଛ ଲୋକ ସବୁବେଳେ ଆଗ ହୋଇଥାଏ।

୩. ପୂର୍ଣ୍ଣ ଚନ୍ଦ୍ର କ'ଣ ହୋଇପାରି ନଥାଏ?

ଉ: ପୂର୍ଣ୍ଣ ଚନ୍ଦ୍ର ଆଉ ବଢ଼ିପାରି ନଥାଏ।

II. ବାକ୍ୟ ଗଠନ କର:

- ସାନ- ସାନମାନଙ୍କୁ ସମସ୍ତେ ଆଦର କରନ୍ତି।
- ପଛ- ରାମୁ ଶ୍ରେଣୀରେ ପଛ ଧାଡ଼ିରେ ବସିଛି।
- କଢ଼ - ମତେ ଗୋଲାପ କଢ଼ ଭଲ ଲାଗେ।
- ଫୁଟିଲା- ବଗିଚାଟି ଫୁଟିଲା ଫୁଲରେ ଭରିହୋଇ ସୁନ୍ଦର ଦିଶୁଛି।

III. ବିପରୀତ ଶବ୍ଦ:

- ସାନ - ବଡ଼
- ବଢ଼ି - କମି

- ଆଗ - ପଛ

**IV. ପ୍ରତିଶବ୍ଦ**

- **ଫୁଲ- କୁସୁମ, ପୁଷ୍ପ**
- **ଚନ୍ଦ୍ର -ଶଶୀ, ଜହ୍ନ**

---

**ମାଗାର ସ୍ମୃତି**

**I.ପ୍ରଶ୍ନ ଓ ଉତ୍ତର**

**୧. ମାଗା ସହରକୁ ଯିବାରୁ ଗାଁ ଲୋକେ କ'ଣ କହୁଥିଲେ?**

**ଉ: ମାଗା ସହରକୁ ଯିବାରୁ ଗାଁ ଲୋକେ କହିଲେ** - ଯାହା ହେଉ ମାଗା ଶେଷରେ ଗୋଟିଏ କୂଳ ପାଇଲା ।

**୨. ମାଗା ସହରରୁ କେତେ** ମାସ **ପରେ ଫେରିଲା?**

**ଉ: ମାଗା ସହରରୁ ଦୁଇ ମାସ ପରେ ଫେରିଲା ।**

**୩. ମାଗା ସହର ବିଷୟରେ କ'ଣ ବର୍ଣ୍ଣନା କରିଥିଲା?**

**ଉ: ସହର ବଡ଼ ଜାଗା, ଘରଗୁଡ଼ିକ ମେଘକୁ ଛୁଉଁଚି, ବାଟେ ଘାଟେ ସବୁବେଳେ ଲୋକ, ଦୋକାନ ଦୁଆର ସବୁବେଳେ ଗହଳି ।**

**II. ବିପରୀତ ଶବ୍ଦ**

- ମଣିଷ - ଅମଣିଷ
- ଶୁଭ - ଅଶୁଭ
- ଆରମ୍ଭ - ଶେଷ
- ସରଳ - ଜଟିଳ
- ସହର - ଗ୍ରାମ

**III. ବାକ୍ୟ ଗଠନ କର**

- **ଅନନ୍ତ ଆକାଶ- ଆମ ମୁଣ୍ଡ ଉପରେ ଅନନ୍ତ ଆକାଶ ରହିଛି ।**

- ରୋଜଗାର - ମୋ ବାପା ଦୋକାନ କରି ଅର୍ଥ ରୋଜଗାର କରନ୍ତି।
- ଦରପାଠୁଆ - ଗାଆଁରେ ଅନେକ ଦରପାଠୁଆ ଲୋକ ଅଛନ୍ତି।

---

## ନ'ଅଙ୍କ ଦୁର୍ଭିକ୍ଷ

I.ପ୍ରଶ୍ନ ଓ ଉତ୍ତର

୧. ବାଲେଶ୍ୱର ଜିଲ୍ଲାର ମୁଖ୍ୟ ଫସଲ କ'ଣ ଥିଲା?

ଉ: ଧାନ ବାଲେଶ୍ୱର ଜିଲ୍ଲାର ମୁଖ୍ୟ ଫସଲ ଥିଲା।

୨. କେଉଁ ମାସରେ ଲୋକେ ଆକାଶକୁ କାତର ଭାବେ ଚାହିଁ ରହିଥିଲେ?

ଉ: ଆଶ୍ୱିନ ମାସରେ ଲୋକେ ଆକାଶକୁ କାତର ଭାବେ ଚାହିଁ ରହିଥିଲେ।

୩. କେଉଁ ମାସରେ ଗଭର୍ଣ୍ଣମେଣ୍ଟ ଠାରୁ କମିଶନରଙ୍କ ପାଖକୁ ଚିଠି ଆସିଲା?

ଉ: ସେପ୍ଟେମ୍ବର କି ଅକ୍ଟୋବର ମାସରେ ଗଭର୍ଣ୍ଣମେଣ୍ଟଙ୍କ ପାଖରୁ କମିଶନରଙ୍କ ପାଖକୁ ଚିଠି ଆସିଲା।

II. ବାକ୍ୟ ଗଠନ କର:

- ଦୁର୍ଭିକ୍ଷ- ଦୁର୍ଭିକ୍ଷ ପଡ଼ିଲେ ଲୋକ ମାନଙ୍କୁ ଖାଇବାକୁ ମିଳେ ନାହିଁ।
- ନିଯୁକ୍ତି- ଶ୍ୟାମ ଚାକିରିରେ ନିଯୁକ୍ତି ପାଇଲା।
- ଚାଷବନ୍ଧୀ - ଗାଁରେ ଅନେକ ଚାଷବନ୍ଧୀ ଲୋକ ବାସ କରନ୍ତି।
- ପ୍ରାର୍ଥନା- ପ୍ରତିଦିନ ମୁଁ ଈଶ୍ୱରଙ୍କ ଠାରେ ପ୍ରାର୍ଥନା କରେ।
- ଉପସ୍ଥିତ- ସେ ବିଦ୍ୟାଳୟରେ ସବୁଦିନ ଉପସ୍ଥିତ ଥାଏ।

---

## ଶ୍ରୀରାମ ଓ ଶବର

I.ପ୍ରଶ୍ନ ଓ ଉତ୍ତର

୧. ଶ୍ରୀରାମ କାହା ସହ ବନକୁ ଯାଇଥିଲେ?

ଉ: ଶ୍ରୀରାମ ସାନ ଭାଇ ଲକ୍ଷ୍ମଣ ଓ ସୀତାଙ୍କ ସହ ବନକୁ ଯାଇଥିଲେ।

୨. ଶ୍ରୀରାମଙ୍କ ବନରେ ପଥ ପାଇନଥିବା ଖବର ଜାଣି କିଏ ତାଙ୍କୁ ସାହାଯ୍ୟ କରିବାକୁ ଆସିଥିଲେ?

ଉ: ଶ୍ରୀରାମଙ୍କ ପଥ ନପାଇବା ଖବର ଜାଣି ଶବର ତାଙ୍କୁ ସାହାଯ୍ୟ କରିବାକୁ ଆସିଥିଲେ।

୩. ପିତା ଫେରିବାର ବିଳମ୍ବ ହେଲେ ଚିନ୍ତା କରୁଥିବେ - କି ଏ କଥା କିଏ କହିଥିଲେ?

ଉ: ଶ୍ରୀରାମ ଘରକୁ ଫେରିବାର ବିଳମ୍ବ ହେଲେ ପିତା ଚିନ୍ତା କରୁଥିଲେ ବୋଲି କହିଥିଲେ।

୪. ଏଠାରେ କୋଦଣ୍ଡଧର କାହାକୁ କୁହାଯାଇଛି?

ଉ: ଶ୍ରୀରାମଙ୍କୁ ଏଠାରେ କୋଦଣ୍ଡଧର ବୋଲି କୁହାଯାଇଛି।

II. ବାକ୍ୟ ଗଠନ କର:

- କୁସୁମ- ବଗିଚାରେ ବିଭିନ୍ନ ପ୍ରକାରର କୁସୁମ ଫୁଟିଛି।
- ଉତ୍‌ଛୁର - ବିଦ୍ୟାଳୟରୁ ଫେରିବା ଉଛୁର ହେଲେ ମୋର ମାଆ ବ୍ୟସ୍ତ ହୁଅନ୍ତି।
- ଅଶ୍ୱ - ଅଶ୍ୱ ଖୁବ୍ ଜୋରରେ ଦୌଡ଼ି ପାରେ ।
- ବନ - ଓଡ଼ିଶାରେ ଅନେକ ବନ ଦେଖାଯାଏ।
- ପ୍ରସନ୍ନ - ପ୍ରସନ୍ନ ମନରେ ଈଶ୍ୱରଙ୍କୁ ପ୍ରାର୍ଥନା କର।

III. ବିପରୀତ ଶବ୍ଦ

- ବିଜୟ - ପରାଜୟ
- ହିତ - ଅହିତ
- ଅନୁଜ - ଅଗ୍ରଜ
- ମଠ - ଚଞ୍ଚଳ
- ପଥ - ବିପଥ

IV. ପ୍ରତିଶବ୍ଦ ଲେଖ:

- ମିତ- ସାଥୀ, ସାଙ୍ଗ
- ସୁଗମ - ସୁନ୍ଦର, ଡୋରା
- ଭାଇ - ଭ୍ରାତା , ସୋଦର
- ପାର୍ଶ୍ୱ - ପାଖ, ନିକଟ
- ଅପାର - ଅନେକ, ବହୁତ

---

<u>ବାରମୂଳାର ବାଟେ ଘାଟେ</u>

I.ପ୍ରଶ୍ନ ଓ ଉତ୍ତର

୧. କେଉଁ ନଦୀର କୂଳେ କୂଳେ ବସ୍ ଚାଲିଥିଲା?

ଉ: ଝେଲମ ନଦୀର କୂଳେ କୂଳେ ବସ୍ ଚାଲିଥିଲା।

୨. ରଣଜିତ୍ ରାୟ କିଏ?

ଉ: ରଣଜିତ୍ ରାୟ ଜଣେ ସେନାପତି ଥିଲେ।

୩. କାଶ୍ମୀର ରାଜ୍ୟର ମୁକୁଟ କାହାକୁ କୁହାଯାଏ?

ଉ: ଶ୍ରୀନଗରକୁ କାଶ୍ମୀର ରାଜ୍ୟର ମୁକୁଟ କୁହାଯାଏ।

୪. ବାରମୂଳା ମୀରମକବୁଲ୍ କାହା ପାଇଁ ପ୍ରସିଦ୍ଧ ଅଟେ?

ଉ: ସେରୱାନୀ ଙ୍କ ଲାଗି ବାରମୂଳା ମୀରମକବୁଲ୍ ପ୍ରସିଦ୍ଧ ଅଟେ।

II. ବାକ୍ୟ ଗଠନ କର

- ପ୍ରସିଦ୍ଧ- ରଥଯାତ୍ରା ଏକ ପ୍ରସିଦ୍ଧ ଯାତ୍ରା ଅଟେ।
- ମୁକୁଟ - ରାଜାଙ୍କ ମସ୍ତକରେ ମୁକୁଟ ଶୋଭାପାଏ।
- ଆକ୍ରମଣ- ଭାରତୀୟ ସେନାମାନେ ପାକିସ୍ତାନ ଉପରେ ଆକ୍ରମଣ କଲେ।
- ସଙ୍କଟ - ସଙ୍କଟ ସମୟରେ ଈଶ୍ୱରଙ୍କ ଶରଣାଗତ ହେବା ଉଚିତ୍ ।
- ଜୟଧ୍ୱନି - ଭାରତରେ ଜୟଧ୍ୱନିରେ ସଭା ମଣ୍ଡପଟି କମ୍ପି ଉଠିଲା।

III. ଭ୍ରମ ସଂଶୋଧନ କର:

- ବାରମୁଳା, ଧୁଆଳିଆ, ଶୋରିସ କ୍ଷେତ, ଗୋଲାପି ସ୍ବପ୍ନ
- ଉ: ବାରମୂଳା, ଧୂଆଳିଆ, ସୋରିଷ କ୍ଷେତ, ଗୋଲାପୀ ସ୍ବପ୍ନ

---

<u>ମାନବ ଜାତିର ପବିତ୍ର ଦିବସ</u>

I.ପ୍ରଶ୍ନ ଓ ଉତ୍ତର

୧. ହିନ୍ଦୁମାନେ କେଉଁ ପର୍ବ ପାଳନ କରନ୍ତି?

ଉ: ଦୁର୍ଗାପୂଜା ଓ ଦୋଳ ଯାତ୍ରା ହିନ୍ଦୁମାନେ ପାଳନ କରନ୍ତି।

୨. ପାକିସ୍ତାନ ଓ ଭାରତ ମଧରେ କେଉଁ ଯୁଦ୍ଧ ଲାଗିଥିଲା, ତାକୁ ବନ୍ଦ କରିବା ପାଇଁ କେଉଁ ଦେଶ ସବୁ ଚେଷ୍ଟା କରିଥିଲେ?

ଉ: ପାକିସ୍ତାନ ଓ ଭାରତ ମଧରେ ଯେଉଁ ଯୁଦ୍ଧ ଲାଗିଥିଲା ତାକୁ ବନ୍ଦ କରିବା ପାଇଁ ଆମେରିକା ଓ ରୁଷ ପ୍ରଭୃତି ଦେଶ ଚେଷ୍ଟା କରିଥିଲେ।

୩. ସୁନା ର ଧରଣୀ କେବେ ଶ୍ମଶାନରେ ପରିଣତ ହୁଏ?

ଉ: ରାଜ୍ୟଜୟ ଓ ଧନ ଲୁଣ୍ଠନ ଲାଗି କେତେ ଜଣଙ୍କର ଜିଦ୍ ଓ ସ୍ୱାର୍ଥପରତା ହେତୁ ସୁନା ର ଧରଣୀ ଶ୍ମଶାନରେ ପରିଣତ ହୁଏ।

୪. କେତୋଟି ଦେଶ ଜାତିସଂଘ ନିୟମାବଳୀର ଚିଠା କୁ କେବେ ଗ୍ରହଣ କରିଥିଲେ?

ଉ: ୧୯୪୫ ମସିହାରେ ଏକାବନଟି ଦେଶ ଜାତିସଂଘ ନିୟମାବଳୀର ଚିଠାକୁ ଗୃହୀତ କରିଥିଲେ।

II. ବାକ୍ୟ ଗଠନ କର

- ସ୍ୱାର୍ଥପରତା - ସ୍ୱାର୍ଥପରତା ବ୍ୟକ୍ତିକୁ ନୀଚ ସ୍ଥାନକୁ ନେଇଯାଏ।
- ଗ୍ରାମବାସୀ - ଗ୍ରାମବାସୀ ମିଳିତ ହୋଇ ବିଭିନ୍ନ ପର୍ବ ପାଳନ କରନ୍ତି।
- ଶକ୍ତିଶାଳୀ ରାଷ୍ଟ୍ର - ଆମେରିକା ଏକ ଶକ୍ତିଶାଳୀ ରାଷ୍ଟ୍ର ଅଟେ।

- **ପତାକା -  ଆମ ଜାତୀୟ ପତାକାରେ ତିନୋଟି ରଙ୍ଗ ଅଛି।**
- **ମୀମାଂସା -  ଭାଇମାନଙ୍କ ମଧ୍ୟରେ ଥିବା ଅଶାନ୍ତିର ମୀମାଂସା** ଗତକାଲି **ହେଲା।**

**III. ବିପରୀତ ଶବ୍ଦ ଲେଖ**

- **ଦେଶ - ବିଦେଶ**
- ସହଯୋଗ - ଅସହଯୋଗ
- **ସଫଳ - ବିଫଳ**
- **ହିଂସା - ଅହିଂସା**
- **ସୃଷ୍ଟି - ପ୍ରଳୟ**
- **ଶାନ୍ତି - ଅଶାନ୍ତି**

---

**ନିବେଦିତା**

**I.ପ୍ରଶ୍ନ ଓ ଉତ୍ତର**

**୧.** ସନ୍ୟାସୀର **ଧର୍ମ କ'ଣ?**

**ଉ: ଜଗତରେ ସେବା,** ନରନାରାୟଣଙ୍କ **ସେବା ଏବଂ ସମାଜର କଲ୍ୟାଣ** ପାଇଁ **କାର୍ଯ୍ୟ କରିବା** ସନ୍ୟାସୀର **ଧର୍ମ ଅଟେ।**

**୨. ନିବେଦିତା କାହିଁକି ନିଜକୁ ଧନ୍ୟ ମନେକଲେ?**

**ଉ: ବିବେକାନନ୍ଦଙ୍କ ପରି ଗୁରୁ ପାଇ ନିବେଦିତା ନିଜକୁ ଧନ୍ୟ ମନେକଲେ।**

**୩. ବିବେକାନନ୍ଦ କାହାର ଶିଷ୍ୟ ଥିଲେ, କେଉଁ ଧର୍ମ ପ୍ରଚାର ନିମନ୍ତେ କେଉଁଠାକୁ ଯାଇଥିଲେ ?**

**ଉ: ଶ୍ରୀରାମକୃଷ୍ଣ ପରମହଂସଙ୍କ ଶିଷ୍ୟ** ଥିଲେ **ବିବେକାନନ୍ଦ** ଓ **ସେ ହିନ୍ଦୁ ଧର୍ମ ପ୍ରସାର ନିମନ୍ତେ ଆମେରିକା ଯାଇଥିଲେ।**

**୪. ନିବେଦିତା ବିବେକାନନ୍ଦଙ୍କ ସହ ଓ ଅନ୍ୟ** ସଙ୍ଗୀମାନଙ୍କ **ସହିତ ମିଶି କେଉଁ କାର୍ଯ୍ୟ କରୁଥିଲେ?**

**ଉ:** ଅର୍ଥ ସଂଗ୍ରହ,**ବିଦ୍ୟାଳୟ ପ୍ରତିଷ୍ଠା,** ଦରିଦ୍ର ସେବା **କାର୍ଯ୍ୟ ସବୁ ମିଶି କରୁଥିଲେ।**

II. ଶୂନ୍ୟସ୍ଥାନ ପୂରଣ କର

• ଭଗିନୀ ନିବେଦିତା ଜଣେ ________ ମହିଳା। (ପାଶ୍ଚାତ୍ୟ)

• _______________ ସମ୍ବନ୍ଧରେ ନିବେଦିତା ଅନେକ ପୁସ୍ତକ ଲେଖିଯାଇଛନ୍ତି। (ଭାରତ)

• ଭାରତରେ ଜନ୍ମ ନହୋଇ ସେ ____________ କୁ ନିଜର ମାତୃଭୂମି ବୋଲି ବାଛିଥିଲେ। (ଭାରତ)

• _____________ ଓ _____________ ଙ୍କ ସେବାରେ ତାଙ୍କ ଜୀବନ ଯାଇଥିଲା। (ଦରିଦ୍ର ଓ ଦୁଃସ୍ଥ)

---

<u>ବାନର ବୈଦ୍ୟ</u>

I.ପ୍ରଶ୍ନ ଓ ଉତ୍ତର

୧. କାହା କାହା ମଧ୍ୟରେ ଯୁଦ୍ଧ ଚାଲିଥିଲା?

ଉ: ରାମ-ରାବଣଙ୍କ ମଧ୍ୟରେ ଯୁଦ୍ଧ ଚାଲିଥିଲା।

୨. କାହାର ଶରାଘାତରେ ଲକ୍ଷ୍ମଣ ଧରାଶାୟୀ ହେଲେ?

ଉ: ମହାବୀର ଇନ୍ଦ୍ରଜିତଙ୍କ ଶରାଘାତରେ ଲକ୍ଷ୍ମଣ ଧରାଶାୟୀ ହେଲେ।

୩. କେଉଁ ପର୍ବତରୁ ବିଶଲ୍ୟକରଣୀ ଅଣାଯାଇଥିଲା?

ଉ: ଗନ୍ଧମାର୍ଦ୍ଦନ ପାହାଡ଼ରୁ ବିଶଲ୍ୟକରଣୀ ଅଣାଯାଇଥିଲା।

୪. ରାମାୟଣ ଯୁଗରେ କିଏ ବାନର ବୈଦ୍ୟ ଥିଲେ?

ଉ: ରାମାୟଣ ଯୁଗରେ ସୁଷେଣ ଏକମାତ୍ର ବାନର ବୈଦ୍ୟ ଥିଲେ।

II. ବାକ୍ୟ ଗଠନ କର

- ସଂଘର୍ଷ - **ମନୁଷ୍ୟ** ସଂଘର୍ଷ କରି ଏହି ଧରାପୃଷ୍ଠରେ ବଞ୍ଚିଛି।

- ବୈଜ୍ଞାନିକ- ବୈଜ୍ଞାନିକମାନେ ନୂଆ ନୂଆ ଗବେଷଣା କରି ମାନବ ସମାଜକୁ ଦାନ କରନ୍ତି।
- ଅନୁସରଣ - ଅହିଂସା ନୀତି ଅନୁସରଣ କରିବା ଉଚିତ୍।
- ପ୍ରଦୂଷଣ - ପରିବେଶ ପ୍ରଦୂଷଣ ଯୋଗୁଁ ମାନବ ସମାଜ ରୋଗଗ୍ରସ୍ତ ହୋଇ ଗଲାଣି।

---

## ବାନର ସେନା

I.ପ୍ରଶ୍ନ ଓ ଉତ୍ତର

୧. ସରକାରଙ୍କ ବଡ଼ ଦଣ୍ଡ କ'ଣ ଥିଲା?

ଉ: ସରକାରଙ୍କ ବଡ଼ ଦଣ୍ଡ ଥିଲା ଜେଲଖାନା ନେଇଯିବା।

୨. ଜେଲ ଦଣ୍ଡ ବନ୍ଦ କରିବାକୁ ଉପରୁ ନିର୍ଦ୍ଦେଶ କାହିଁକି ଆସିଲା?

ଉ: କୌଣସି ଜେଲଖାନା ରେ ଆଉ ସ୍ଥାନ ନଥିଲା, ତେଣୁ ଜେଲ ଦଣ୍ଡକୁ ବନ୍ଦ କରିବାକୁ ନିର୍ଦ୍ଦେଶ ଆସିଥିଲା।

୩. ଆସାମୀମାନେ କ'ଣ ସବୁ ଧ୍ୱନି ଦିଅନ୍ତି?

ଉ: ଆସାମୀ ମାନେ ସରସ ବଦନରେ "ଜୟ ଭାରତ ମାତା କି ଜୟ" ସହ "ମହାତ୍ମା ଗାନ୍ଧୀ କି ଜୟ" ଧ୍ୱନି ଦିଅନ୍ତି।

୪. ମାଆ ଭଳି କିଏ ବାନର ସେନାଙ୍କର ସେବା ଶୁଶ୍ରୁଷା କରନ୍ତି?

ଉ: ମାଆ ପୂଜ୍ୟା ରମାଦେବୀ ମାଆ ଭଳି ବାନର ସେନାଙ୍କର ସେବା ଶୁଶ୍ରୁଷା କରୁଥିଲେ।

II.ବ୍ୟାକରଣ

୧. 'ଦଳଦଳ' ପରି ଆଉ ଚାରୋଟି ଶବ୍ଦ ଲେଖ ।

ଉ: କଳକଳ, ଜଳଜଳ, ମଳମଳ, ଗଳଗଳ।

III. ବାକ୍ୟ ଗଠନ କର

- ବିରାଟ - ଆମ ବିଦ୍ୟାଳୟରେ ଏକ ବିରାଟ ଖେଳ ପଡ଼ିଆ ଅଛି।
- ବିକଳାଙ୍ଗ - ବିକଳାଙ୍ଗ ଲୋକମାନଙ୍କୁ ସରକାର ଥଇଥାନ କରନ୍ତି ।
- ନିର୍ଦ୍ଦେଶ - ଶିକ୍ଷକମାନଙ୍କ ନିର୍ଦ୍ଦେଶ ଅନୁସାରେ କାମ କର।
- ହୁକୁମ - ମାଲିକର ହୁକୁମ ଅନୁସାରେ ଚାକରଟି କାମ କରେ।

---

## ଗୋଟିଏ ବଦଳରେ କୋଟିଏ ପାଇଛି ମୁହିଁ

**I. ପ୍ରଶ୍ନ ଓ ଉତ୍ତର**

୧. କେଉଁ ସ୍ଥାନରେରେ ରୋଗିଣା ପିଲାଟି ଶୋଇଥିଲା?

ଉ: ପୁରୀର ଏକ ବସାଘରେ ରୋଗିଣା ପିଲାଟି ଶୋଇଥିଲା।

୨. ପିଲାର ଶେଯ ପାଖରେ କିଏ ଚୌକି ପକାଇ ବସିଥିଲେ?

ଉ: ଗୋପବନ୍ଧୁ ପିଲାର ଶେଯ ପାଖରେ ଚୌକି ପକାଇ ବସିଥିଲେ।

୩. ମୋତିଦେବୀ ଆଖିରୁ ଲୁହ ପୋଛିଲେ ଗୋପବନ୍ଧୁଙ୍କର କେଉଁ କଥା ଶୁଣି?

ଉ: ଗୋପବନ୍ଧୁ ବଢ଼ି ମରୁଡ଼ି ଅଞ୍ଚଳକୁ ଲୋକଙ୍କର ସେବା କରିବାକୁ ଆଖିରୁ ଲୁହ ପୋଛିଲେ।

୪. ବଢ଼ି ଅଞ୍ଚଳକୁ ଯାଇ ଗୋପବନ୍ଧୁ ଲୋକଙ୍କୁ କିପରି ସାହାଯ୍ୟ କରୁଥିଲେ?

ଉ: ବଢ଼ି ଅଞ୍ଚଳକୁ ଯାଇ ଗୋପବନ୍ଧୁ ଚୁଡ଼ା ଓ ଚାଉଳ ବାଣ୍ଟିଲେ।

**II. ଏକ ପଦରେ ପ୍ରକାଶ କର**

- ଯାହାର ଫଳ ନାହିଁ - ନିଷ୍ଫଳ
- ଯାହାର ଆଶ୍ରୟ ନାହିଁ - ନିରାଶ୍ରୟ
- ଯାହା ସମ୍ଭବ ନୁହେଁ - ଅସମ୍ଭବ

**III. 'ଟିପିଟିପି' ପରି ଚାରୋଟି ଶବ୍ଦ:**

ଉ: ଝିପିଝିପି, ଚିପିଚିପି, ମିଟିମିଟି, କିଟିକିଟି।

---

## ପାରିବି କି କରି

I. ପ୍ରଶ୍ନ ଓ ଉତ୍ତର

୧. ଚାଷୀ ଭାଇ କିପରି ଧାନ ବିଲରେ ଫଳାଏ?

ଉ: ଖରା, ବର୍ଷା ଓ ଶୀତରେ ଚାଷୀ ଭାଇ ବିଲରେ ଧାନ ଫଳାଏ।

୨. ବଢ଼େଇ, କମାର ଓ ଧୋବା କେଉଁ କାମ କରନ୍ତି?

ଉ: ବଢ଼େଇ କାଠ କାମ, କମାର ଲୁହା କାମ ଓ ଧୋବା ଲୁଗା ସଫା କରିବା କାମ କରନ୍ତି।

୩. ଭିକାରୀକୁ ଆମେ କିପରି ସାହାଯ୍ୟ କରିବା?

ଉ: ଭିକାରୀକୁ ଆମେ ଭିକ ମୁଠେ ଦେଇ ତାର ଦୁଃଖ ଦୂର କରି ସାହାଯ୍ୟ କରିପାରିବା।

୪. ମାଆକୁ ଆମେ କିପରି ସାହାଯ୍ୟ କରିପାରିବା?

ଉ: ଘରଟିକୁ ପରିଷ୍କାର କରି ଆମେ ମାଆକୁ କାମରେ ସାହାଯ୍ୟ କରିପାରିବା।

II. ପ୍ରତିଶବ୍ଦ ଲେଖ

- ପାଣି - ଜଳ, ନୀର
- ହାତ - ହସ୍ତ, କର
- ମାଆ - ଜନନୀ, ମାତା
- ଘର - ନିଳୟ, ଆଳୟ
- ନିର୍ମଳ - ପରିଷ୍କାର, ସଫା

III. ବାକ୍ୟ ଗଠନ କର

- ସଂସାର- ଆମେ ବିଶାଳ ସଂସାରରେ ବାସ କରୁ।
- ରୋଗ - ମୁଁ ରୋଗରେ ପଡ଼ିଲେ ମୋର ମାଆ ମୋର ସେବା କରନ୍ତି।

- **କୁଡ଼ିଆ - ଗାଁ ମାନଙ୍କରେ ଅନେକ କୁଡ଼ିଆ ଘର ଦେଖାଯାଏ।**
- **ନଇବଢ଼ି -  ବହୁତ ବର୍ଷା ହେଲେ ନଇବଢ଼ି ହେବାର ଆଶଙ୍କା ଥାଏ।**

---

**ରକ୍ତଦାନ ମହାପୁଣ୍ୟ**

**I. ପ୍ରଶ୍ନ ଓ ଉତ୍ତର**

**୧. ଶ୍ୟାମଳ କିଏ?**

**ଉ: ଶ୍ୟାମଳ** ସନିଆଁ ଗାଆଁ ର ଜଣେ ଯୁବକ**,**ସେ କଟକରେ ରହି ଏମ. ଏ ପଢୁଥିଲା**।** ସେ ସନିଆଁ ବାପାଙ୍କୁ ରକ୍ତ ଦେଇଥିଲା**।**

**୨. ରକ୍ତ ଆମ ଶରୀରରେ କେତେ ଭାଗ ଓ କେଉଁ** ଅବସ୍ଥା ରେ **ଥାଏ?**

**ଉ: ଶରୀରରେ ସାଧାରଣ ଶ୍ଵେତ ଓ ଲାଲ କୋଷ ଆକାରରେ ୪୫ ଭାଗ ରକ୍ତ ଥାଏ। ୫୫ ଭାଗ ଅର୍ଦ୍ଧ ତରଳ ଅବସ୍ଥା ରେ ଥାଏ।**

**୩. ରକ୍ତଦାନକୁ କେଉଁ କାର୍ଯ୍ୟ ବୋଲି କୁହାଯାଇଛି?**

**ଉ: ରକ୍ତଦାନକୁ ଏକ ମହାପୁଣ୍ୟ କାର୍ଯ୍ୟ ବୋଲି କୁହାଯାଇଛି।**

**୪. ରକ୍ତଦାନ ସମୟରେ କେଉଁ** ବିଷୟ **ପ୍ରତି ଧ୍ୟାନ ଦେବ?**

**ଉ: ରକ୍ତ ଦେଲା ବେଳେ ନୂଆ ସିରିଞ୍ଜି ବ୍ୟବହାର ଯେପରି କରାଯିବ ତା ବିଷୟରେ ଧ୍ୟାନ ଦେବା ଉଚିତ୍।**

**II. ବାକ୍ୟ ଗଠନ କର:**

- **ଗୁରୁତ୍ୱପୂର୍ଣ୍ଣ-  ରକ୍ତ** ଆମ ଶରୀରର ଏକ ଗୁରୁତ୍ବପୂର୍ଣ୍ଣ ଅଂଶ **।**
- **ମହାପୁଣ୍ୟ-  ରକ୍ତଦାନ ଏକ ମହାପୁଣ୍ୟ କାର୍ଯ୍ୟ ଅଟେ।**
- ଅମ୍ଳଜାନ - ଅମ୍ଳଜାନ **ବିନା ମନୁଷ୍ୟ ଜଗତ ବଞ୍ଚିପାରିବ ନାହିଁ।**
- **ସାହାଯ୍ୟ - ବିପଦରେ ପଡ଼ିଥିବା ଲୋକଙ୍କୁ ସାହାଯ୍ୟ କର।**

**III. 'ଦର' ଲଗାଇ ଚାରୋଟି ଶବ୍ଦ ଲେଖ:**

**ଉ: ଦରକଟା, ଦରସିଝା, ଦରଫୁଟା, ଦରପାଚିଲା।**

**IV. ସନ୍ଧି ବିଚ୍ଛେଦ କର:**

- **ଉନ୍ନତି = ଉତ୍ + ନତି**
- **ଦିଗନ୍ତ = ଦିକ୍ + ଅନ୍ତ**
- **ଗଣେଶ = ଗଣ + ଈଶ**
- ଉଲ୍ଲେଖ = ଉତ୍ + ଲେଖ

---

## ଖଣ୍ଡାଧାର

**I. ପ୍ରଶ୍ନ ଓ ଉତ୍ତର**

**୧.** ପାହାଡ଼ୀ କନ୍ୟାର ତଟରେ କଳାମେଘ ଦେଖି କେଉଁ ମାନେ ନାଚିଲେ **??**

**ଉ:** କଳାମେଘ ଦେଖି ପାହାଡ଼ୀ କନ୍ୟାର ତଟଦେଶରେ ମୟୂର ମାନେ ନାଚିଲେ **।**

**୨. ପରଜାର ପ୍ରଧାନ** କହିଲେ **କ'ଣ** ବୁଝ?

**ଉ:** ପରଜା କହିଲେ ଏକ ବଣ ମୁଳକରେ ରହୁଥିବା ବନବାସୀ ସଂପ୍ରଦାୟ ର ଗାଁ ମୁଖିଆକୁ ବୁଝ**।**

**୩. ପାହାଡ଼ୀ କନ୍ୟାକୁ କେଉଁମାନେ ବାଟ ରୋଧିଲେ ଓ** ଯିବା ପାଇଁ **ବାରଣ କଲେ?**

**ଉ: ସାଥୀ** ସଙ୍ଗାତ**ମାନେ ପାହାଡ଼ୀ କନ୍ୟାକୁ ବଣ ଛାଡ଼ି ବାହାରକୁ ଯିବା ପାଇଁ** ବିଷାଦ ମନରେ କାନ୍ଦ ବୋବାଳି କରି **ବାରଣ କଲେ।**

**୪.** ଖଣ୍ଡାଧାର ନଦୀ କେଉଁଥି ପାଇଁ **ବଣ ଛାଡ଼ି ବାହାରକୁ ଆସିଥିଲା?**

**ଉ: ଜଗତର ସେବା କରିବାକୁ ଓ ଅନ୍ୟମାନଙ୍କର କଲ୍ୟାଣ କରିବା ଉଦ୍ଦେଶ୍ୟରେ ଖଣ୍ଡାଧାର ନଦୀ ବଣ ଛାଡ଼ି ବାହାରକୁ ଆସିଥିଲା।**

II. ପ୍ରତିଶବ୍ଦ ଲେଖ

- ଅଙ୍ଗ - ଶରୀର, ତନୁ
- ଅନ୍ଧାର - ତମସା, ତିମିର
- ସାଥୀ - ମିତ, ସଙ୍ଗାତ
- ତାରା - ନକ୍ଷତ୍ର, ତାରକା

III. ବିପରୀତ ଶବ୍ଦ ଲେଖ

- ଆଦର - ଅନାଦର
- ଆନନ୍ଦ - ବିଷାଦ
- କାନ୍ଦ - ହସ
- ବେଳ - ଅବେଳ
- ମଧୁର - ତିକ୍ତ
- ବିଜୟ - ପରାଜୟ

IV. ଶବ୍ଦ ପୂର୍ବରେ 'ମନ' ଲଗାଇ ଚାରୋଟି ଶବ୍ଦ ଲେଖ:

ଉ: ମନମୋହିନୀ, ମନସ୍କାମନା, ମନୋରଥ, ମନଧ୍ୟାନ

---

**ମାଲିକ**

I. ପ୍ରଶ୍ନ ଓ ଉତ୍ତର

୧. ରାଧୁ କେଉଁ ଦୋକାନରେ କାମ କରୁଥିଲା?

ଉ: ରାଧୁ ସାଇକେଲ ମରାମତି ଦୋକାନରେ କାମ କରୁଥିଲା ।

୨. ମଧୁକୁ ରାଧୁବାବୁ ହୋଇ ବସିବାର ଉପାୟ କିପରି ବତାଇଲା?

**ଉ:** ହୋଟେଲ ରେ ଗରାଖ **ମାନଙ୍କୁ** ଭାତ ଡାଲି ତରକାରୀ ଓ ଜଳଖିଆ ବେଶୀ ବେଶୀ ବାଢ଼ିଦେଲେ ବଳେ ମାଲିକ ଗଦି ଉପରୁ ଓହ୍ଲେଇ ଆସି ନିଜେ ପରଶିବ, ତୁ ଆରାମରେ ବାବୁ ହେଇ ବସିବୁ , ଏହିକଥା ମଧୁକୁ ରାଧୁବାବୁ କହିଲେ ।

**୩. କେତେବେଳେ** କେଉଁମାନେ **ବସି ଏକାଠି ଖୁସିରେ ଗପ କରୁଥିଲେ?**

**ଉ: ଖରାବେଳେ ସାଧୁ, ମଧୁ ଓ ରାଧୁ ତିନିଜଣ ଗୋଟିଏ** ଶୋଇବା ଘରେ ବସି **ଖୁସିରେ ଗପ କରୁଥିଲେ ।**

**୪. ସାଧୁ, ମଧୁ ଓ ରାଧୁ ସେମାନଙ୍କ ମଧରେ କ'ଣ ସମ୍ପର୍କ ଥିଲା?**

**ଉ: ସାଧୁ, ମଧୁ ଓ ରାଧୁ ପରସ୍ପର ସାଙ୍ଗ ଥିଲେ ଓ ସେମାନେ ତିନିଜଣ** କିଶୋର **ଶ୍ରମିକ ଥିଲେ ।**

**II. ବିପରୀତ ଶବ୍ଦ:**

- **ମାଲିକ - ଚାକର**
- **ବାଧ - ଅବାଧ**
- **ଉଦ୍‌ଘାଟନ - ଉଦ୍‌ଯାପନ**
- **ଶେଷ - ଆରମ୍ଭ**
- **ସିଧା - ଓଲଟା**
- **ସମ୍ମାନ - ଅସମ୍ମାନ**

**III. ପ୍ରତିଶବ୍ଦ ଲେଖ:**

- ପୁଅ - ପୁତ୍ର, ତନୟ
- **ସାଙ୍ଗ - ସାଥୀ, ମିତ**
- **ସକାଳ - ପ୍ରଭାତ, ପ୍ରତ୍ୟୁଷ**
- **ନିଆଁ - ଅନଳ, ଅଗ୍ନି**
- **ପୋଷାକ - ବସ୍ତ୍ର , ବସନ**

- ଆଲୁଅ - ଜ୍ୟୋତି, ଆଲୋକ